# ODM PUBLIC SCHOOL

SESSION : 6

CLASS : V

SUBJECT : ଓଡ଼ିଆ

CHAPTER NUMBER:08

CHAPTER NAME: ଦୁଃଖୀଧନ ନୀଳମଣିରେ

SUBTOPIC : ବହି ପ୍ରଶ୍ନଉତ୍ତର,ପ୍ରଶ୍ନ-୮,୯

# LEARNING OBJECTIVE

ପ୍ରଶ୍ନଉତ୍ତର ଆଲୋଚନା ମାଧ୍ୟମରେ ଲବ୍ଧଜ୍ଞାନ ।

# ଦୁଃଖୀଧନ ନୀଳମଣିରେ ।

ODM EDUCATIONAL GROUP
Changing your Tomorrow

ପ୍ରଶ୍ନ୮-ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖିବା ।
(କ) ଶ୍ରୀକୃଷ୍ଣ କାହିଁକି କାନ୍ଦୁଥିଲେ ?
(ଖ) ଶ୍ରୀକୃଷ୍ଣଙ୍କର କେଉଁ କେଉଁ କାମକୁ ମାଆ ମନେ ପକାଉଥିଲେ?
(ଗ) ଗାଈ ଦୁହିଁଲା ବେଳେ ମାଆ କ'ଣ ସବୁ ବ୍ୟବହାର କରନ୍ତି ?

# ଉତ୍ତର

୮- (କ) ଶ୍ରୀକୃଷ୍ଣ କୋଳି ଖାଇବା ପାଇଁ କାନ୍ଦୁଥିଲେ । କିଏ ତାଙ୍କ ସହ କଳି କଲେ ମଧ୍ୟ କାନ୍ଦି ପକାଉଥିଲେ ।
(ଖ) ଶ୍ରୀକୃଷ୍ଣ ଗାଈଗୋଠ ଘେନି ଘରକୁ ଫେରିବା,କୋଳି ଖାଇବାକୁ ଅଳି କରିବା,ଗାଈ ଦୁହିଁବା ପାଇଁ ଶିକା ଛନ୍ଦ ନେଇଯିବା,କେହି କଳି କଲେ କଇଁ କଇଁ ହୋଇ କାନ୍ଦିବା ଆଦି କାମକୁ ମାଆ ମନେ ପକାଉଥିଲେ ।
(ଗ) ଗାଈ ଦୁହିଁଲା ବେଳେ ମାଆ ଶିକା ଓ ଛନ୍ଦ ବ୍ୟବହାର କରନ୍ତି ।

# ଦୁଃଖୀଧନ ନୀଳମଣିରେ ।

ପ୍ରଶ୍ନ୯- ତଳ ଉତ୍ତରଗୁଡ଼ିକୁ ପାଇବା ପାଇଁ ପ୍ରଶ୍ନ ତିଆରି କରି ଲେଖିବା ।
(କ) ଗୋରୁ ଘେନି ଫେରିବା ବେଳକୁ ମାଆ ବାଟ ଚାହିଁ ବସି ରହୁଥିଲେ ।
(ଖ) ଶ୍ରୀକୃଷ୍ଣ ଧୂଳି ଧୂସର ହୋଇ ପଣତରେ ଦୋଳି ଖେଳୁଥିଲେ ।
(ଗ) ଶ୍ରୀକୃଷ୍ଣ କାନ୍ଦି କାନ୍ଦି ମାଆଙ୍କ ପାଖରେ ଅଳି କରୁଥିଲେ ।
(ଘ) ଦହିମୁହାଁ ହେଲେ ସେଥିରୁ ଲହୁଣି ବାହାରେ ।

# ଉତ୍ତର

ODM EDUCATIONAL GROUP
Changing your Tomorrow

୯-(କ) ଗୋରୁ ଘେନି ଫେରିବା ବେଳକୁ କିଏ ବାଟ ଚାହିଁ ବସି ରହୁଥିଲେ ?
(ଖ) କିଏ ଧୂଳି ଧୂସର ହୋଇ ପଣତରେ ଦୋଳି ଖେଳୁଥିଲେ ?
(ଗ) କିଏ କାନ୍ଦି କାନ୍ଦି ମାଆଙ୍କ ପାଖରେ ଅଳି କରୁଥିଲେ ?
(ଘ) ଦହିମୁହାଁ ହେଲେ ସେଥିରୁ କ'ଣ ବାହାରେ ?

# ଗୃହକର୍ମ

-------------------

# LEARNING OUTCOME:

ସଂକ୍ଷିପ୍ତ ପ୍ରଶ୍ନଉତ୍ତର ଆଲୋଚନା ମାଧ୍ୟମରେ ଜ୍ଞାନ ହାସଲ
।

# THANKING YOU

# ODM EDUCATIONAL GROUP